# ଦ୍ୱିତୀୟ ଅଧ୍ୟାୟ

# ଅର୍ଥନୈତିକ ବ୍ୟବସ୍ଥା

## ପ୍ରଥମ ପାଠ : ଦରବୃଦ୍ଧି

(କ) **ଦର ବୃଦ୍ଧି** : ଆଜିକାଲି ଆମ୍ଭେମାନେ ସମସ୍ତେ ବଜାରରୁ ବିଭିନ୍ନ ପ୍ରକାରର ସାମଗ୍ରୀ କିଣିବା ବେଳେ ଦେଖୁଛୁକି ସେଗୁଡ଼ିକର ମୂଲ୍ୟ ବା ଦର କିଭଳି ଭାବରେ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରି ହେବାର କାରଣ କ'ଣ ? ସରକାର ଏହାର ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପମାନ ଗ୍ରହଣ କରନ୍ତି ? ଏହି ସବୁ ବିଷୟକୁ ବୁଝିବାକୁ ହେଲେ ଆମକୁ ଦରବୃଦ୍ଧି ସମ୍ପର୍କିତ ବିଭିନ୍ନ ବିଷୟଗୁଡ଼ିକୁ ଆଲୋଚନା କରିବାକୁ ହେବ।

ପ୍ରଥମତଃ ଦର ବୃଦ୍ଧି କ'ଣ ? ଏହା କିପରି ଭାବରେ ନିରୂପଣ କରିବା ? ସାଧାରଣତଃ ଦର ବୃଦ୍ଧି **ଦୁଇ** ପ୍ରକାର ପଦ୍ଧତିରେ ନିରୂପଣ ହୋଇଥାଏ। ଯଥା : **1. ପାଇକାରୀ ଦର ସୂଚକ 2. ଖାଉଟି ଦର ସୂଚକ ।**

**1. ପାଇକାରୀ ଦର ସୂଚକ** : ପାଇକାରୀ ଦର ସୂଚକରେ ଦେଶର ଉତ୍ପାଦିତ ସମସ୍ତ ମୁଖ୍ୟ ଦ୍ରବ୍ୟଗୁଡ଼ିକ ସଂଶ୍ଳିଷ୍ଟ। ବର୍ତ୍ତମାନ ଆମ ଦେଶରେ ପାଖାପାଖି 460ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଉଅଛି। ଖାଉଟୀ ଦର ସୂଚକ ପାଇଁ ଖାଉଟିମାନେ ବ୍ୟବହାର କରୁଥିବା ବିଭିନ୍ନ ଦ୍ରବ୍ୟଗୁଡ଼ିକୁ ବିଚାରକୁ ନିଆଯାଉଅଛି। ଏହା ସାଧାରଣତଃ ବିଭିନ୍ନ ଶ୍ରମିକଗୋଷ୍ଠୀ ବ୍ୟବହାର କରୁଥିବା ଦ୍ରବ୍ୟକୁ ନେଇ ପ୍ରସ୍ତୁତ ହୋଇଥାଏ। ଦରବୃଦ୍ଧି ଦରସୂଚକକୁ ନେଇ ନିରୂପିତ ହୋଇଥାଏ।ଏହି ପ୍ରକ୍ରିୟା ଅନୁଯାୟୀ ଦେଶରେ ବିକ୍ରି ହେଉଥିବା ବିଭିନ୍ନ ଦ୍ରବ୍ୟ ଓ ସେବାର ଦର ଏକ ନିର୍ଦ୍ଦିଷ୍ଟ ବର୍ଷରେ ଯାହା ଆକଳନ କରାଯାଏ ତାକୁ 100 ବୋଲି ଧରି ପରବର୍ତ୍ତୀ ବର୍ଷମାନଙ୍କରେ ଉକ୍ତ ଦ୍ରବ୍ୟ ଓ ସେବାର ମୂଲ୍ୟ ଯାହା ହୁଏ ସେଥିରୁ ସେହି ବର୍ଷର ସୂଚକ ନିର୍ଦ୍ଧାରିତ ହୁଏ। ଏହି ନର୍ଦ୍ଦିଷ୍ଟ ବର୍ଷକୁ ମୂଳ ବର୍ଷ ବୋଲି ଧରାଯାଏ। ଉଦାହରଣସ୍ୱରୂପ, ଯଦି ମୂଳବର୍ଷ ତୁଳନାରେ ପର ବର୍ଷ ବିଭିନ୍ନ ଦ୍ରବ୍ୟ ଓ ସେବାର ମୂଲ୍ୟରେ 25 ପ୍ରତିଶତ ବୃଦ୍ଧି ହେଲା ତେବେ ଉକ୍ତ ବର୍ଷ (ଦ୍ୱିତୀୟ ବର୍ଷ)ର ଦରସୂଚକ ମୂଳ ବର୍ଷର 100 ରୁ 125 କୁ ବୃଦ୍ଧି ହେଲା ବୋଲି କହିବାକୁ ହେବ। ଦେଶର ପାଇକାରୀ ଦରସୂଚକ ବଢ଼ିବା ଶୁଭ ଲକ୍ଷଣ ନୁହେଁ। ଏହା ଦେଶର ଉତ୍ପାଦନ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହାଦ୍ୱାରା ଖାଉଟି ଦରସୂଚକ ବଢ଼ିବା ସଙ୍ଗେସଙ୍ଗେ ଆମେମାନେ କିଣୁଥିବା ବିଭିନ୍ନ ପ୍ରକାର ସାମଗ୍ରୀ ମହଙ୍ଗା ହୁଏ ଓ ଏହା ଆମର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ ପ୍ରଭାବ ପକାଇଥାଏ।

**ଦର ବୃଦ୍ଧିର କାରଣ : ବିଭିନ୍ନ କାରଣଯୋଗୁଁ ଦର ବୃଦ୍ଧି ଘଟିଥାଏ । ସେଥିରୁ ଦୁଇଗୋଟି ମୁଖ୍ୟ କାରଣ ନିମ୍ନରେ ବର୍ଣ୍ଣନା କରାଯାଇଛି ।**

**1.** ଚାହିଦା ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣରେ କୌଣସି ଦ୍ରବ୍ୟର ଯୋଗାଣ ସମ୍ଭବ ନ ହେଲେ ସେହି ଦ୍ରବ୍ୟ ବା ସେବାର ମୂଲ୍ୟ ବୃଦ୍ଧି ଘଟିଥାଏ। ଉତ୍ପାଦନ କ୍ଷେତ୍ରରେ କଞ୍ଚାମାଲର ଦର, ଶ୍ରମିକ ମଜୁରୀ, ମାଲ୍ ପରିବହନ ଖର୍ଚ୍ଚ ଇତ୍ୟାଦିର ବୃଦ୍ଧି ହେଲେ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବାର ଦର ବୃଦ୍ଧି ହୁଏ।

**2.** ବେଳେବେଳେ ବିଭିନ୍ନ ଅସାମାଜିକ ତତ୍ତ୍ୱମାନଙ୍କର ବେଆଇନ କାର୍ଯ୍ୟଯୋଗୁଁ ବିଭିନ୍ନ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିଥାଏ। କଳାବଜାରୀ, ମହଜୁଦକାରୀ ଆଦି ବ୍ୟକ୍ତିମାନେ ଆଇନ୍‌କୁ ଅମାନ୍ୟ କରି ଅନେକ ସମୟରେ ବଜାରରେ ବିଭିନ୍ନ ଦ୍ରବ୍ୟର ଅଯଥା ମୂଲ୍ୟ ବୃଦ୍ଧି ଘଟାଇଥା'ନ୍ତି । ଯଦି ଜଣେ ବ୍ୟବସାୟୀ ବା ଉତ୍ପାଦନକାରୀ କୌଣସି ଦ୍ରବ୍ୟକୁ ବେଆଇନ ଭାବରେ ମହଜୁଦ କରି ରଖନ୍ତି ତା'ହେଲେ ବଜାରରେ ଉକ୍ତ ଦ୍ରବ୍ୟର କୃତ୍ରିମ ଅଭାବ ସୃଷ୍ଟି ହୋଇଥାଏ। ଖାଉଟିମାନଙ୍କର ଚାହିଦା

ଅନୁଯାୟୀ ଉକ୍ତ ଦ୍ରବ୍ୟ ବଜାରରେ ଉପଲବ୍ଧ ହୁଏ ନାହିଁ। ସୁତରାଂ ସେତେବେଳେ ସେ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥାଏ। ମୁନାଫାଖୋର ବ୍ୟବସାୟୀ, ମହଜୁଦକାରୀ ଆଦି ବ୍ୟକ୍ତିମାନେ ଏହି ମୂଲ୍ୟ ବୃଦ୍ଧି ପାଇଁ ଦାୟୀ ଅଟନ୍ତି। ସରକାରଙ୍କ ନିୟମ ଅମାନ୍ୟ କରି ଏମାନେ ନିଜ ଗୋଦାମରେ କୌଣସି ଦ୍ରବ୍ୟକୁ ମହଜୁଦ କରି ବଜାରରେ ଉକ୍ତ ଦ୍ରବ୍ୟର କୃତ୍ରିମ ଅଭାବ ସୃଷ୍ଟି କରି ଖାଉଟିମାନଙ୍କୁ ଶୋଷଣ କରିଥା'ନ୍ତି।

**ଦର ନିୟନ୍ତ୍ରଣର ଆବଶ୍ୟକତା ଅଛି କି ? :** ସାଧାରଣତଃ ଦରବୃଦ୍ଧି ହେବା ଦେଶ ପାଇଁ ମଙ୍ଗଳକର ନୁହେଁ। ଏହା ଦେଶର ବିକାଶର ପ୍ରତିବନ୍ଧକ ଅଟେ। ମାତ୍ର ସବୁ ଦରବୃଦ୍ଧି ଦେଶର ପ୍ରଗତିରେ ବାଧା ସୃଷ୍ଟି କରିନଥାଏ। ସ୍ୱଳ୍ପ ଦରବୃଦ୍ଧି ଦେଶ ପାଇଁ ମଙ୍ଗଳମୟ ହୋଇଥାଏ। କାରଣ ଏହାଯୋଗୁଁ ଉତ୍ପାଦନକାରୀମାନେ କିଛି ଅଧିକା ଆୟ କରିଥା'ନ୍ତି ଏବଂ ସେହି ଦ୍ରବ୍ୟଗୁଡ଼ିକୁ ଅଧିକ ମାତ୍ରାରେ ଉତ୍ପାଦନ କରିବା ପାଇଁ ଚେଷ୍ଟିତ ହୋଇଥା'ନ୍ତି । ଏହାଦ୍ୱାରା ମଧ୍ୟ କାରଖାନାରେ ନିୟୋଜିତ ଶ୍ରମିକ ଶ୍ରେଣୀଙ୍କ ମଜୁରୀରେ ବୃଦ୍ଧି ଘଟିଥାଏ। କିନ୍ତୁ ଧିରେଧିରେ ଦର ବୃଦ୍ଧି ଅଧିକା ହେଲେ ଏହା ବ୍ୟବସାୟୀମାନଙ୍କ ପାଇଁ ଅଧିକରୁ ଅଧିକ ଲାଭର ସୁଯୋଗ ସୃଷ୍ଟି କରିଥାଏ। ତେଣୁ କିଛି ଲାଭଖୋର ବା ମୁନାଫାଖୋର ଅସାଧୁ ବ୍ୟବସାୟୀ ଏହି ଦରବୃଦ୍ଧିର ସୁଯୋଗ ନେଇ ବେଆଇନ ଭାବରେ ଉକ୍ତ ଦ୍ରବ୍ୟଗୁଡ଼ିକୁ ଅଯଥା ମହଜୁଦ କରି ରଖି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରନ୍ତି ଏବଂ ସେଗୁଡ଼ିକୁ ଚଢ଼ା ଦରରେ ବିକ୍ରୟ କରି ଅଧିକରୁ ଅଧିକ ଲାଭ ପାଇଥା'ନ୍ତି। ଦରବୃଦ୍ଧି ଖାଉଟିର ସାଧାରଣ ଜୀବନଯାପନ ପ୍ରଣାଳୀକୁ ପ୍ରଭାବିତ କରିଥାଏ। ସାଧାରଣ ନିତ୍ୟ ବ୍ୟବହାର ଯୋଗ୍ୟ ପଦାର୍ଥଗୁଡ଼ିକ ଯଥା- ଚାଉଳ, ଡାଲି, ତେଲ, ଅଟା, ଦୁଗ୍ଧ ଇତ୍ୟାଦିର ଦରବୃଦ୍ଧି ଖାଉଟିମାନଙ୍କୁ ଖୁବ୍ ବାଧିଥାଏ। ଏଣୁ ବିଭିନ୍ନ ଜିନିଷଗୁଡ଼ିକର ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପଦକ୍ଷେପ ନେଇଥା'ନ୍ତି। ସେଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଅଛି।

**1. ମୁଦ୍ରାଗତ ପ୍ରତିକାର :** ଯେତେବେଳେ ଆମ ଦେଶରେ ଦରବୃଦ୍ଧି ହୋଇଥାଏ, ଆମର ସର୍ବୋଚ୍ଚ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶରେ ମୁଦ୍ରା ପ୍ରଚଳନକୁ ସଂକୁଚିତ କରିଥାଏ। ରିଜର୍ଭ ବ୍ୟାଙ୍କର ଏହି ନୀତି ଫଳରେ ଲୋକମାନଙ୍କ ପାଖରେ ମୁଦ୍ରାର ପରିମାଣ ହ୍ରାସ ପାଏ ଓ ସେମାନଙ୍କର କ୍ରୟ କରିବାର ବା ବ୍ୟୟ କରିବାର କ୍ଷମତା ହ୍ରାସ ହୋଇଥାଏ ଏବଂ ଏହାଦ୍ୱାରା ଦରବୃଦ୍ଧି କିଛି ମାତ୍ରାରେ ନିୟନ୍ତ୍ରିତ ହୋଇଥାଏ।

**2. ରାଜସ୍ୱ ସଂକ୍ରାନ୍ତ ପ୍ରତିକାର** : ସରକାର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଟିକସ ବ୍ୟବସ୍ଥା ଲାଗୁ କରିଥା'ନ୍ତି। ଏହି ବ୍ୟବସ୍ଥା ସାଧାରଣତଃ ଉଚ୍ଚ ଆୟ ବର୍ଗ ବ୍ୟକ୍ତିବିଶେଷ ଓ ବିଭିନ୍ନ ଖାଉଟି ଦ୍ରବ୍ୟ ଉପରେ ବସାଯାଇଥାଏ। ଟିକସଯୋଗୁଁ ଲୋକମାନଙ୍କ ପାଖରେ ବଳକା ଆୟର ମାତ୍ରା କମ୍ ହୁଏ ଏବଂ ଲୋକମାନଙ୍କର କ୍ରୟଶକ୍ତି ମଧ୍ୟ ସଂକୁଚିତ ହୋଇଥାଏ। ଏହା ଦର ବୃଦ୍ଧିକୁ ରୋକିବାରେ ସହାୟକ ହୁଏ।

**3. ସାଧାରଣ ବଣ୍ଟନ ବ୍ୟବସ୍ଥା :** ଦରବୃଦ୍ଧି ସମୟରେ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଇଥା'ନ୍ତି। ଏହା ସାଧାରଣତଃ ଗରିବ ବା ଦାରିଦ୍ର୍ୟ ସୀମାରେଖାଠାରୁ ନିମ୍ନରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ବଜାର ଦରଠାରୁ ଢେର କମ୍ ଦାମରେ ସେମାନଙ୍କୁ ଚାଉଳ, ତେଲ, ଚିନି, ଗହମ, କିରୋସିନି ଆଦି ଯୋଗାଇ ଦିଆଯାଏ।

**ଉଦାହରଣ : (ଗାଁ ଗହଳରେ ଲୋକମାନଙ୍କୁ ଦୁଇ ଟଙ୍କିଆ ଚାଉଳ ପ୍ରଦାନ)। ଏହାଦ୍ୱାରା ଦରବୃଦ୍ଧି କିଛି ମାତ୍ରାରେ ନିୟନ୍ତ୍ରିତ ହୋଇଥାଏ।**

**4. ଶାସନଗତ ଦର ବ୍ୟବସ୍ଥା :** ଦରବୃଦ୍ଧି ସମୟରେ ଅସାଧୁ ବ୍ୟବସାୟୀ ବା ଉତ୍ପାଦନକାରୀମାନେ ବେଆଇନ ଭାବରେ ବିଭିନ୍ନ ଖାଉଟି ଦ୍ରବ୍ୟଗୁଡ଼ିକୁ ମହଜୁଦ କରି ରଖିଥା'ନ୍ତି। ତେଣୁ ସେଗୁଡ଼ିକ ବଜାରରେ ଉପଲବ୍ଧ ନ ହୋଇପାରିବା କାରଣରୁ ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥାଏ। ସେଥିପାଇଁ ସରକାର ଏଭଳି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକର ଦର ସ୍ଥିର କରି ସେହି ଦରରେ ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥା'ନ୍ତି। ଆଳୁ, କିରୋସିନ୍, ଚିନି, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ପ୍ରଭୃତି ଦ୍ରବ୍ୟ ପାଇଁ ସରକାର ଏ ପ୍ରକାର ଦର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିଥା'ନ୍ତି ।

# ପ୍ରଶ୍ନାବଳୀ

**1. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।**

(i) ଦରବୃଦ୍ଧି କିପରି ନିରୂପଣ କରାଯାଏ ?

(ii) ଆମ ଦେଶରେ କେତେଗୋଟି ଦ୍ରବ୍ୟକୁ ପାଇକାରୀ ଦରସୂଚକ ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ ?

(iii) ଖାଉଟି ଦରବୃଦ୍ଧି ହେଲେ କେଉଁମାନେ ଅସୁବିଧା ଭୋଗ କରନ୍ତି ?

(iv) ବଜାରରେ କୌଣସି ସାମଗ୍ରୀର ଯୋଗାଣଠାରୁ ଚାହିଦା ଅଧିକା ହେଲେ କି ପ୍ରକାରର ପରିସ୍ଥିତି ସୃଷ୍ଟି ହେବ ?

(v) ଭାରତର ସର୍ବୋଚ୍ଚ ବ୍ୟାଙ୍କର ନାମ କ'ଣ ?

(vi) ମହଜୁଦକାରୀ କାହାକୁ କହନ୍ତି ?

(vii) ଖାଉଟି କିଣୁଥିବା ଜିନିଷ କେତେବେଳେ ମହଙ୍ଗା ହୁଏ ?

(viii) ସାଧାରଣ ବଣ୍ଟନ ବ୍ୟବସ୍ଥା କ'ଣ ?

**2.** ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(i) ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ

(ii) ଦରବୃଦ୍ଧି

(iii) ପାଇକାରୀ ଦରସୂଚକ

(iv) ଖାଉଟି ଦରସୂଚକ

(v) ଦରବୃଦ୍ଧି ରୋକିବାର ରାଜସ୍ୱ ପ୍ରତିକାର

■■■